# NATIONAL NEWS BULLETIN (ODIA)

## 22 August - 2025

### Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ବିହାର ଓ ପଶ୍ଚିମବଙ୍ଗ ଗସ୍ତ କରି ଆଜି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ
- ଆଗାମୀ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଦୁଇଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କଲେ ନିର୍ବାଚନ କମିଶନ
- ସଂସଦର ଉଭୟ ଗୃହରେ ଅନଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ବିଧେୟକକୁ ମିଳିଲା ଅନୁମତି
- ଯୁଦ୍ଧ ପ୍ରପୀଡ଼ିତ ଗାଜାକୁ ନିରପେକ୍ଷ ବିଦେଶୀ ଗଣମାଧ୍ୟମକୁ ପ୍ରବେଶ ଅନୁମତି ଦେବାକୁ ଦାବି କଲେ ୨୭ଟି ଦେଶ

ଏବଂ

- ଡୁରାଣ୍ଡ କପ୍ ଟ୍ରଫି ଫୁଟବଲ୍ ଫାଇନାଲ ପ୍ରତିଯୋଗିତାରେ ଆସନ୍ତାକାଲି ମୁହାଁମୁହିଁ ହେବେ ଡାଇମଣ୍ଡ ହାରଭର ଏଫ୍.ସି ଓ ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍.ସି.

# ପିଏମ୍-ଡବ୍ଲ୍ୟୁବି-ବିହାର ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିହାର ଏବଂ ପଶ୍ଚିମବଙ୍ଗ ଗସ୍ତରେ ଯିବେ। ବିହାରରେ ଶ୍ରୀ ମୋଦୀ ପୂର୍ବାହ୍ନ ୧୧ଟାରେ ଗୟାରେ ୧୩ ହଜାର କୋଟିରୁ ଅଧିକ ଟଙ୍କାର ଅନେକଗୁଡ଼ିଏ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୁଇଟି ଟ୍ରେନ୍‌ର ଚଳାଚଳକୁ ଶୁଭାରମ୍ଭ କରିବା ସହ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ପରେ ସେ ଗଙ୍ଗାନଦୀ ଉପରେ ଆଣ୍ଟା-ସିମରିୟା ସେତୁ ପ୍ରକଳ୍ପର ଉଦ୍‌ଘାଟନ କରିବେ। ଏହି ସେତୁ ପାଟନାର ମୋକାମା ଏବଂ ବେଗୁସରାଇ ମଧ୍ୟରେ ସିଧାସଳଖ ସଂଯୋଗ ସ୍ଥାପନ କରିବ। ଉତ୍ତର ବିହାର ଏବଂ ଦକ୍ଷିଣ ବିହାର ମଧ୍ୟରେ ପ୍ରାୟ ୧୦୦ କିଲୋମିଟରର ଯାତ୍ରା ଦୂରତା ଏହାଦ୍ୱାରା ହ୍ରାସ ପାଇବ ବୋଲି କୁହାଯାଇଛି। ପ୍ରଧାନମନ୍ତ୍ରୀ ଜାତୀୟ ରାଜପଥ ୩୧ର ଚାରିଲେନ୍ ବିଶିଷ୍ଟ ବଖତିଆରପୁର–ମୋକାମା ଖଣ୍ଡକୁ ମଧ୍ୟ ଉଦ୍‌ଘାଟନ କରିବେ। ପରେ ଶ୍ରୀ ମୋଦୀ ବକ୍ସର ତାପଜ ବିଦ୍ୟୁତ କେନ୍ଦ୍ରର ଉଦ୍‌ଘାଟନ ସହ ମୁଜାଫରପୁରରେ ହୋମିବାବା କର୍କଟ ହସ୍ପିଟାଲ ଓ ଗବେଷଣା କେନ୍ଦ୍ରର ଉଦ୍‌ଘାଟନ କରିବେ। ଏହି ହସ୍ପିଟାଲ ବିହାର ଏବଂ ପଡ଼ୋଶୀ ରାଜ୍ୟର ଲୋକମାନଙ୍କୁ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ଯୋଗାଇଦେବ।

ଶ୍ରୀ ମୋଦୀ ଗୟା–ଦିଲ୍ଲୀ ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସ୍ ଏବଂ ବୈଶାଳୀ–କୋଡ଼ରମା ମଧ୍ୟରେ ବୌଦ୍ଧ ସର୍କିଟ ଟ୍ରେନ୍‌ର ଶୁଭାରମ୍ଭ କରିବେ। ବିହାର ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ

୧୨ ହଜାର ହିତାଧିକାରୀ ଓ ସହରି ଆବାସ ଯୋଜନାରେ ୪ ହଜାର ୨୬୦ ଜଣ ହିତାଧିକାରୀଙ୍କୁ ଶ୍ରୀ ମୋଦୀ ବାସଗୃହ ପ୍ରଦାନ କରିବେ।

ଅପରାହ୍ନରେ ପ୍ରଧାନମନ୍ତ୍ରୀ ପଶ୍ଚିମବଙ୍ଗରେ ପହଁଞ୍ଚି ନବନିର୍ମିତ ମେଟ୍ରୋ ଟ୍ରେନ୍ ସେବା ଉଦ୍‌ଘାଟନ କରିବା ସହ ଜେସୋର ରୋଡ୍ ମେଟ୍ରୋ ଷ୍ଟେସନ୍‌ରୁ ଜୟହିନ୍ଦ୍ ବିମାନ ବନ୍ଦର ପର୍ଯ୍ୟନ୍ତ ମେଟ୍ରୋରେ ଯାତ୍ରା କରିବେ। କୋଲକାତାରେ ଆଜି ୫ ହଜାର ୨୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ସହ ପ୍ରଧାନମନ୍ତ୍ରୀ ଏକ ଜନସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି।

**V/O– Alka Singh**

# ପିଏମ୍-କୋଲକାତା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପଶ୍ଚିମବଙ୍ଗ ବିଜେପି ସେଠାକାର ବିକାଶ ଏଜେଣ୍ଡା ଯୋଗୁଁ ଉତ୍ସାହର ସହିତ ଅପେକ୍ଷା କରିଛି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟର ତୃଣମୂଳ କଂଗ୍ରେସ ସରକାର ବିରୋଧରେ ଲୋକମାନଙ୍କ ଅସନ୍ତୋଷ ବୃଦ୍ଧି ପାଉଛି। ଆଜି ସେଠାକୁ ଗସ୍ତ ଅବସରରେ ଶ୍ରୀ ମୋଦୀ ଏକ କାର୍ଯ୍ୟକର୍ତ୍ତା ର୍‍ୟାଲି କରିବେ ବୋଲି ସୂଚନା ଦେଇଛନ୍ତି।

# ଇସିଆଇ-ଭିପି ଅବଜରଭର୍

ଆଗାମୀ ସପ୍ତଦଶ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନିର୍ବାଚନ କମିଶନ ଦୁଇଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟର

ଅତିରିକ୍ତ ସଚିବ ସୁଶିଲ କୁମାର ଲୋହାନୀ ଏବଂ ଅର୍ଥ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଡି.ଆନନ୍ଦନ୍‌ଙ୍କୁ ପର୍ଯ୍ୟବେକ୍ଷକଭାବେ ନିଯୁକ୍ତ କରାଯାଇଛି।  ଆସନ୍ତା ମାସ ୯ ତାରିଖରେ ଉପରାଷ୍ଟ୍ରପତି ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଶ୍ରୀ ଜଗଦୀପ ଧନଖଡ଼ ସ୍ୱାସ୍ଥ୍ୟଗତ କାରଣ ଦୃଷ୍ଟିରୁ ଗତ ମାସରେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ଉପରାଷ୍ଟ୍ରପତି ଏକ ଇଲେକ୍ଟୋରାଲ କଲେଜ ଦ୍ୱାରା ନିର୍ବାଚିତ ହୁଅନ୍ତି। ଯେଉଁଥିରେ ଉଭୟ ଲୋକସଭା ଓ ରାଜ୍ୟସଭାର ସଦସ୍ୟମାନେ ରହିଥାନ୍ତି। ଏନ୍.ଡି.ଏ'ର ପ୍ରାର୍ଥୀ ସି.ପି.ରାଧାକୃଷ୍ଣନ୍ ଏବଂ ଇଣ୍ଡି ମେଣ୍ଟ ପ୍ରାର୍ଥୀ, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ବି.ସୁଦର୍ଶନ ରେଡ୍ଡୀ ଉପରାଷ୍ଟ୍ରପତି ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆଜି ପ୍ରାର୍ଥୀପତ୍ର ଗୁଡ଼ିକ ଯାଞ୍ଚ ହେବ। ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର ନେଇ ସମୟ ଧାର୍ଯ୍ୟ କରାଯାଇଛି।

# ଅନ୍‌ଲାଇନ୍ ଗେମିଂ

ଅନ୍‌ଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ବିଧେୟକ ୨୦୨୫ ସଂସଦର ଅନୁମୋଦନ ଲାଭ କରିଛି । ରାଜ୍ୟସଭାରେ ଗତକାଲି ଏହି ବିଧେୟକ ପାରିତ ହୋଇଛି । ଇ-କ୍ରୀଡ଼ା ଏବଂ ଅନ୍‌ଲାଇନ୍ ଖେଳକୁ ପ୍ରୋତ୍ସାହିତ କରିବା ସହିତ ସାଧାରଣ ଜନତାଙ୍କୁ ବେଆଇନ୍ ଅର୍ଥ କାରବାରରୁ ସୁରକ୍ଷା ଦେବା ପାଇଁ ଏହି ବିଧେୟକ ଉପଯୋଗୀ ହୋଇପାରିବ । ରାଜ୍ୟସଭାରେ ଏହି ବିଧେୟକକୁ ଉପସ୍ଥାପନ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଅନ୍‌ଲାଇନ୍ ମନି ଗେମିଂ ଏକ ଜନସ୍ୱାସ୍ଥ୍ୟ ବିପଦ ପାଲଟିଛି ।

**V/O-ASHWINI-VAISHNAW**

ପ୍ରତିବର୍ଷ ପ୍ରାୟ ୪୫ କୋଟି ଲୋକ ଅନ୍‌ଲାଇନ୍ ଗେମ୍ସରେ ପ୍ରାୟ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । ଇ-କ୍ରୀଡ଼ା, ଅନ୍‌ଲାଇନ୍ ସୋସିଆଲ୍ ଗେମ୍ସ ଏବଂ ଅନ୍‌ଲାଇନ୍ ମନି ଗେମ୍ସ ଏହିଭଳି ତିନୋଟି ବିଭାଗ ଏହି ବିଧେୟକରେ ରହିଛି ।

ଅନ୍‌ଲାଇନ୍ ମନି ଗେମିଂ ପରିଚାଳନା ଏବଂ ସହଯୋଗ ପ୍ରଦାନ କରିବା ଉପରେ ବିଧେୟକରେ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଉଲ୍ଲଙ୍ଘନ କ୍ଷେତ୍ରରେ ତିନି ବର୍ଷ ଜେଲ୍ ଏବଂ ଏକ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ରହିଛି ।

# ପିଏମ୍ ଅନଲାଇନ୍ ଗେମିଂ ବିଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସଂସଦ ଦ୍ୱାରା ଗୃହୀତ ଅନଲାଇନ୍ ଗେମିଂ ପ୍ରୋତ୍ସାହନ ଓ ନିୟନ୍ତ୍ରଣ ବିଧେୟକ ଭାରତକୁ ଗେମିଂ, ନବସୃଜନ ଏବଂ ସୃଜନଶୀଳତାର କେନ୍ଦ୍ର କରିବା ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ସରକାର ଇ-କ୍ରୀଡ଼ା ଏବଂ ଅନଲାଇନ୍ ସାମାଜିକ ଖେଳକୁ ପ୍ରୋତ୍ସାହିତ କରିବେ । ଏହି ବିଧେୟକ ଆଇନ୍‌ରେ ପରିଣତ ହେବା ପରେ ଲୋକମାନଙ୍କୁ ଅନଲାଇନ୍ ଟଙ୍କା ଖେଳର କ୍ଷତିକାରକ ପ୍ରଭାବରୁ ରକ୍ଷା କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ଫରେନ୍ ମିଡିଆ ଗାଜା

ଯୁଦ୍ଧ ପ୍ରପୀଡ଼ିତ ଗାଜାକୁ ନିରପେକ୍ଷ ବିଦେଶୀ ଗଣମାଧ୍ୟମଗୁଡ଼ିକୁ ପ୍ରବେଶ ଲାଗି ଅନୁମତି ଦେବାକୁ ଇସ୍ରାଏଲକୁ ଆହ୍ୱାନ କରାଯାଇଛି। ୨୭ଟି ଦେଶ ପକ୍ଷରୁ ମିଡିଆ ଫ୍ରିଡମ୍ କୋଆଲିସନ୍ ପକ୍ଷରୁ ବିଦେଶୀ ଗଣମାଧ୍ୟମକୁ ଅନୁମତି ଦେବାକୁ କୁହାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ସଂସ୍ଥା ସାମ୍ବାଦିକମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛି। ସାମ୍ବାଦିକ ସୁରକ୍ଷା କମିଟି ଅନୁଯାୟୀ, ଗାଜାରେ ଘଟୁଥିବା ଆକ୍ରମଣରେ ଏ ପର୍ଯ୍ୟନ୍ତ ୧୯୨ ଜଣ ସାମ୍ବାଦିକ ଓ ଗଣମାଧ୍ୟମ କର୍ମୀଙ୍କ ମୃତ୍ୟୁ ଘଟିଛି।

# ରେଲୱେ ଗଣପତି ସ୍ପେଶିଆଲ

ଭାରତୀୟ ରେଳବାଇ ପକ୍ଷରୁ ପାର୍ବଣ ଋତୁରେ ଭକ୍ତ ଏବଂ ଯାତ୍ରୀମାନଙ୍କ ପାଇଁ ୩୮୦ଟି ଗଣପତି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ଘୋଷଣା କରାଯାଇଛି। ୨୦୨୩ରେ ୩୦୫ଟି ଏବଂ ୨୦୨୪ରେ ୩୫୮ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିଥିଲା। ରେଳ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ପାର୍ବଣ ଋତୁରେ କେନ୍ଦ୍ରୀୟ ରେଳବାଇ ସର୍ବାଧିକ ୨୯୬ଟି ଟ୍ରେନ୍ ସହ ପଶ୍ଚିମ ରେଳବାଇ ୫୬, କୋଙ୍କଣ ରେଳବାଇ ୬ ଏବଂ ଦକ୍ଷିଣ-ପଶ୍ଚିମ ରେଳବାଇ ୨୨ଟି ଟ୍ରେନ୍ ପରିଚାଳନା କରିବ। ଚଳିତ ମାସ ୨୭ରୁ ସେପ୍ଟେମ୍ବର ୬ ତାରିଖ ପର୍ଯ୍ୟନ୍ତ ଏହି ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଚଳାଚଳ କରିବ ବୋଲି ଜଣାପଡ଼ିଛି।

# ପାଲଘର ଗ୍ୟାସଲିକ୍

ମହାରାଷ୍ଟ୍ରର ପାଲଘର ଜିଲ୍ଲା ଅନ୍ତର୍ଗତ ତାରାପୁର– ବୋଇସର ଶିଳ୍ପାଞ୍ଚଳରେ ଥିବା ଏକ ଔଷଧ ତିଆରି କାରଖାନାରୁ ଲିକ୍ ହୋଇଥିବା ନାଇଟ୍ରୋଜେନ୍ ଗ୍ୟାସ୍ ପ୍ରଶ୍ୱାସରେ ନେବାରୁ ଚାରି ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ଅନ୍ୟ ଦୁଇଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୁମ୍ବାଇରୁ ପ୍ରାୟ ୧୩୦ କିଲୋମିଟର ଦୂର ବୋଇସର ଶିଳ୍ପାଞ୍ଚଳରେ ଅବସ୍ଥିତ ମେଡ୍‌ଲି ଫାର୍ମାରେ ଗତକାଲି ଅପରାହ୍ନରେ ଏହି ଦୁର୍ଘଟଣା ଘଟିଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ କମ୍ପାନୀର ଏକ ୟୁନିଟ୍‌ରୁ ନାଇଟ୍ରୋଜେନ୍ ଗ୍ୟାସ୍ ଲିକ୍ ହେବାରୁ ସେଠାରେ କାର୍ଯ୍ୟରତ କର୍ମଚାରୀମାନେ ଅସୁସ୍ଥ ହୋଇପଡ଼ିଥିଲେ। ୬ ଜଣ ଆହତଙ୍କୁ ଡାକ୍ତରଖାନା ପଠାଯାଇଥିଲେ ମଧ୍ୟ ଚାରିଜଣଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ଦୁଇଜଣଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଛି।

# ଇସ୍ରୋ ଚେୟାର୍ ମ୍ୟାନ୍–ଗଗନଯାନ

ଚଳିତ ବର୍ଷ ଡିସେମ୍ବରରେ ଭାରତ ପ୍ରଥମ ମାନବଯୁକ୍ତ ମହାକାଶ ଅଭିଯାନ ଗଗନଯାନର ପ୍ରଥମ ପରୀକ୍ଷଣ ଉଡ଼ାଣ କରିବ। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ଇସ୍ରୋର ଅଧ୍ୟକ୍ଷ ଭି. ନାରାୟଣନ୍ କହିଛନ୍ତି, ଗଗନଯାନ ଅଭିଯାନ ତ୍ୱରାନ୍ୱିତ ହେଉଛି । ଏହାର ୮୦ ପ୍ରତିଶତ ପରୀକ୍ଷଣ ଇତିମଧ୍ୟରେ ସମ୍ପନ୍ନ ହୋଇସାରିଛି । ଆସନ୍ତା ମାର୍ଚ୍ଚ ସୁଦ୍ଧା ବାକି ପରୀକ୍ଷଣ ଗୁଡ଼ିକ ସମ୍ପନ୍ନ କରାଯିବ ବୋଲି ସେ କହିଛନ୍ତି । ଇସ୍ରୋର ଅନ୍ୟାନ୍ୟ ସଫଳତା ଉପରେ ଆଲୋକପାତ କରି ଶ୍ରୀ ନାରାୟଣନ୍ କହିଛନ୍ତି, ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୯୬ଟି ସଫଳତା ହାସଲ କରାଯାଇଛି ।

ଆମେରିକାର ୬ ହଜାର ୫୦୦ କିଲୋଗ୍ରାମ୍ ଓଜନ ବିଶିଷ୍ଟ ଯୋଗଯୋଗ ଉପଗ୍ରହ ଭାରତୀୟ ଲଞ୍ଚ୍ ପ୍ୟାଡ୍‌ରେ ଉତ୍କ୍ଷେପଣ କରାଯିବ । ଏ ପର୍ଯ୍ୟନ୍ତ ଆଦିତ୍ୟ ଏଲ୍.ଓ୍ୱାନ୍‌ର ୧୩ ଟେରାବିଟ୍ ତଥ୍ୟ ଗବେଷଣା ପାଇଁ ବୈଜ୍ଞାନିକଙ୍କୁ ପ୍ରଦାନ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଏକ୍ସିଓମ୍-ଫୋର୍ ମିଶନ୍ ଉପରେ ଆଲୋକପାତ କରି ସେ କହିଛନ୍ତି, ମିଶନ୍‌ର ସୁରକ୍ଷିତ ଉତ୍କ୍ଷେପଣକୁ ସୁନିଶ୍ଚିତ କରିବାରେ ଇସ୍ରୋର ବୈଷୟିକ ବିଶେଷଜ୍ଞତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଫାଲକନ୍-ନାଇନ୍ ରକେଟ୍‌ରେ ପ୍ରଥମ ପର୍ଯ୍ୟାୟରେ ଦେଖାଦେଇଥିବା ଏଲ୍.ଓ.ଏକ୍ସ. ଲିକେଜ୍‌କୁ ଇସ୍ରୋ ସଂଶୋଧନ କରିଥିଲା ବୋଲି ଶ୍ରୀ ନାରାୟଣନ୍ କହିଛନ୍ତି ।

## ଡୁରାଣ୍ଡକପ୍

୧୩୪ତମ ଡୁରାଣ୍ଡ କପ୍ ଟ୍ରଫି ଫୁଟବଲ ଫାଇନାଲ୍ ପ୍ରତିଯୋଗିତା ଆସନ୍ତାକାଲି ଅନୁଷ୍ଠିତ ହେବ । କୋଲକାତାର ସଲ୍ଟଲେକ୍ ସ୍ଥିତ ଯୁବ ଭାରତୀ କ୍ରୀଡ଼ାଙ୍ଗନ ଠାରେ ଡାଇମଣ୍ଡ ହାରଭର୍ ଏଫ୍.ସି. ଏବଂ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ମଧ୍ୟରେ ଫାଇନାଲ୍ ପର୍ଯ୍ୟାୟ ମୁକାବିଲା ହେବ । ଦ୍ୱିତୀୟ ସେମିଫାଇନାଲ୍‌ରେ ଡାଇମଣ୍ଡ ହାରଭର୍ ଏଫ୍.ସି. ୨-୧ ଗୋଲ୍‌ରେ ଇଷ୍ଟ ବେଙ୍ଗଲ୍‌କୁ ପରାସ୍ତ କରିଥିବା ବେଳେ ପ୍ରଥମ ସେମିଫାଇନାଲ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଏଫ୍.ସି. ୧-୦ ଗୋଲ୍‌ରେ ସିଲଂ ଲାଜୋଙ୍ଗ୍ ଏଫ୍.ସି.କୁ ପରାସ୍ତ କରି ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛି ।

**V/O–Muksh**

# ଯୁ୨୦- ରେସଲିଂ ଚମ୍ପିଆନସିପ୍

ବୁଲ୍‌ଗେରିଆରେ ଚାଲିଥିବା ୨୦ ବର୍ଷରୁ କମ୍ ବିଶ୍ୱ କୁସ୍ତି ଚମ୍ପିଆନସିପ୍‌ରେ ଭାରତ ଆଉ ଦୁଇଟି ପଦକ ହାସଲ କରିଛି । ରୀନା ଏବଂ ପ୍ରିୟା ମଲ୍ଲିକ ଦୁଇଟି ରୌପ୍ୟ ପଦକ ଜିତିଛନ୍ତି । ମହିଳା ୫୫ କିଲୋଗ୍ରାମ ବର୍ଗରେ ଫାଇନାଲରେ ଆମେରିକାର ଏଭରେଷ୍ଟ ଲେଡେକରଙ୍କ ଠାରୁ ୨-୧୦ରେ ପରାସ୍ତ ହେବା ପରେ ରୀନାଙ୍କୁ ରୌପ୍ୟ ପଦକ ମିଳିଛି । ଛଅସ୍ତରୀ କିଲୋଗ୍ରାମ ବର୍ଗରେ ୟୁକ୍ରେନ୍‌ର ନାଦିଆ ସୋକୋଲାଭସ୍କାଙ୍କ ଠାରୁ ପରାଜୟ ସହ ପ୍ରିୟା ମଲ୍ଲିକ ରୌପ୍ୟ ପଦକ ପାଇଛନ୍ତି । ଏ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୫ରେ ପହଁଞ୍ଚିଛି । ଗୋଟିଏ ସ୍ୱର୍ଣ୍ଣ ଏବଂ ଚାରୋଟି ରୌପ୍ୟ ପଦକ ଭାରତ ଜିତିଥିବା ବେଳେ ଗତ ବର୍ଷ ଏହି ପ୍ରତିଯୋଗିତାରେ ଭାରତ ୭ଟି ପଦକ ହାସଲ କରିଥିଲା ।